# 'ଦକ୍ଷ ପରିଚାଳକ ସୃଷ୍ଟି କ୍ଷେତ୍ରରେ ଆଇଆଇପିଏମ୍ ନବଦିଗନ୍ତ ସୃଷ୍ଟି କରିଛି'

ରାଉରକେଲା,ତା୨୪।୧୦ (ସ.ପ୍ର)-ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାକୁ ହେଲେ ବ୍ୟାପକ ଶିଳ୍ପାୟନର ଆବଶ୍ୟକତା ରହିଛି। ସେହିପରି ଶିଳ୍ପ କାରଖାନା ପରିଚାଳନା କରିବା ପାଇଁ ଉତ୍କୃଷ୍ଟ ମାନବ ସମ୍ବଳର ବହୁଳ ଆବଶ୍ୟକତା ରହିଛି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାମରେ ନିଜକୁ ନିୟୋଜିତ କରି ଆଇଆଇପିଏମ୍ ଗତ ୨୫ ବର୍ଷ ଭିତରେ ଦକ୍ଷ ପରିଚାଳକ ସୃଷ୍ଟି କରିଛି ବୋଲି ଆଜି ଶିକ୍ଷାନୁଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ଅବସରରେ ବକ୍ତାମାନେ କହିଛନ୍ତି।

କାଂଶବାହାଲ ସ୍ଥିତ ଆଇଆଇପିଏମ୍ ପରିସରରେ ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜିତ ଉତ୍ସବକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶକ ଡ. ମିହିର ରଞ୍ଜନ ନାୟକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇ ମାନବସମ୍ବଳ ବିକାଶ କରିବା ଶିକ୍ଷାନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ। ଗତ ୨୫ ବର୍ଷ ଭିତରେ ଆଇଆଇପିଏମ୍ ଗ୍ରାଜୁଏଟ୍ ଇଞ୍ଜିନିୟର, ଡିପ୍ଲୋମା ଇଞ୍ଜିନିୟର ଓ ଅନ୍ୟାନ୍ୟ ପରିଚାଳକଙ୍କୁ ଉତ୍ତମ ପ୍ରଶିକ୍ଷଣ ପ୍ରଦାନ କରି ଆସୁଛି। ଶିକ୍ଷାନୁଷ୍ଠାନରେ ୯୦ ଟି ଦେଶର ପ୍ରାୟ ୧୨୦୦ ବୃତ୍ତିଧାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ନିଜକୁ ଗୌରବାନ୍ୱିତ କରି ପାରିଛି ବୋଲି ସେ କହିଥିଲେ। ଏଲ୍ ଆଣ୍ଡ ଟିର ଉପସଭାପତି ଏ.ପି.ମିଶ୍ର ଏଥିରେ ଉଦ୍‌ବୋଧନ ଦେଇ କହିଲେ ଯେ ସମ୍ପ୍ରତି ଦେଶର ଅର୍ଥନୀତି ଦ୍ରୁତ ବିକାଶ ପଥରେ ଅଗ୍ରସର ହେଉଛି। ସମତାଳରେ ଦେଶର ଶିଳ୍ପ କାରଖାନା ଓ ଅନ୍ୟାନ୍ୟ ବ୍ୟବସାୟିକ ଅନୁଷ୍ଠାନମାନ ମଧ୍ୟ ଦିନକୁ ଦିନ ଗଢ଼ି ଉଠୁଛି। ତେଣୁ ଏସବୁର ସଠିକ୍ ପରିଚାଳନା ପାଇଁ ଉପଯୁକ୍ତ ପରିଚାଳକଙ୍କ ଆବଶ୍ୟକତା ରହିଛି। ତେଣୁ ଏଭଳି ଏକ ମହତ୍‌ପୂର୍ଣ୍ଣ ଭୂମିକା ଆଇଆଇପିଏମ୍ ନିର୍ବାହ କରି ଦେଶ ବିଦେଶରେ ବେଶ୍ ନାଁ କରିଛି ବୋଲି ସେ କହିଥିଲେ। ସେହିପରି ଅନ୍ୟତମ ଅତିଥି ଡି.ସେନଗୁପ୍ତା ବକ୍ତବ୍ୟ ରଖି କେବଳ ସରକାର ଦେଶର ସବୁ ଅଭାବ ପୂରଣ କରି ପାରିବ ନାହିଁ କି ସବୁ ବିକାଶ ସରକାର ଦ୍ୱାରା ସମ୍ଭବ ନୁହେଁ ବୋଲି ସେ କହିଥିଲେ। ବ୍ୟକ୍ତିବିଶେଷଙ୍କଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନର ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ଆଇଆଇପିଏମ୍ ଦେଶର ମାନବସମ୍ବଳ ସମୃଦ୍ଧ କରି ଦେଶରେ ବିକାଶପଥକୁ ଗତିଶୀଳ କରି ପାରିଛି ବୋଲି ସେ ମତ ଦେଇଥିଲେ। ଶେଷରେ ଆର୍.ଏନ୍.ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।